## ସଂକ୍ଷେପରେ

### କମ୍ ଦାମ୍‌ରେ ଡିଜେଲ ଦେବାକୁ କହି ୪୮ ହଜାର ଠକେଇ

ହିଞ୍ଜିଳିକାଟୁ, ୩।୩(ଦ୍ୱିତୀକୃଷ୍ଣ ପଣ୍ଡା)

ଜଣେ ବ୍ୟକ୍ତିଙ୍କୁ ମାର୍କେଟ ଦରଠାରୁ ଲିଟର ପିଛା ୫ ଟଙ୍କା କମ୍‌ରେ ଡିଜେଲ ଦେବାକୁ ପ୍ରଲୋଭନ ଦେଖାଇ ୪୮ ହଜାର ଟଙ୍କା ଠକେଇ ହୋଇଥିବା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଛନ୍ତି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମ୍ଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ। ଗତମାସ ୨୬ରେ ଏକ ଅଜଣା ମୋବାଇଲ ନମ୍ବରରୁ ପୂର୍ଣ୍ଣଚନ୍ଦ୍ରଙ୍କୁ ଫୋନ୍ କଲ୍ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜକୁ ଜୟ ପ୍ରକାଶ ସିଂ ବୋଲି ପରିଚୟ ଦେଇଥିଲେ। ହିଞ୍ଜିଳିକାଟୁ ନିକଟସ୍ଥ ସାରୁ ଛକରେ ଥିବା ଏକ ପେଟ୍ରୋଲ ପମ୍ପରୁ ମାର୍କେଟ ଦରଠାରୁ ଲିଟର ପିଛା ୫ ଟଙ୍କା କମ୍‌ରେ ୧ ହଜାର ଲିଟର ଡିଜେଲ ଦେବାକୁ ପୂର୍ଣ୍ଣଚନ୍ଦ୍ରଙ୍କୁ ଉକ୍ତ ବ୍ୟକ୍ତି ଜଣଙ୍କ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରଲୋଭନରେ ପୂର୍ଣ୍ଣଚନ୍ଦ୍ର ଉକ୍ତ ଦିନ ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଖାଲି ଜାର୍କିନ ନେଇ ସାରୁ ଛକରେ ଥିବା ପେଟ୍ରୋଲ ଟାଙ୍କିରେ ପହଞ୍ଚିଥିଲେ। ସେଠାରେ ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଫୋନ୍ କରି ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିବା ଜଣାଇଲେ। ପରେ ଉକ୍ତ ପେଟ୍ରୋଲ ଟାଙ୍କି ମ୍ୟାନେଜର ପୂର୍ଣ୍ଣଚନ୍ଦ୍ରଙ୍କ ଭ୍ୟାନ୍‌କୁ ପେଟ୍ରୋଲ ପ୍ରଦାନ କରାଯାଉଥିବା ସ୍ଥାନରେ ପାର୍କିଂ କରିବାକୁ କହିଥିଲେ। ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ଖାଲି ଜାର୍କିନଗୁଡ଼ିକରେ ୫୫୦ ଲିଟର ଡିଜେଲ ଭର୍ତ୍ତି କରିଥିଲେ। ଉକ୍ତ ସ୍ଥାନ ଛାଡ଼ିବା ପୂର୍ବରୁ ପୂର୍ଣ୍ଣଚନ୍ଦ୍ର ପୂର୍ବରୁ ହୋଇଥିବା କଥାବାର୍ତ୍ତା ପ୍ରକାରେ ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଫୋନ କରିଥିଲେ ଏବଂ ସେ କହିବା ପ୍ରକାରେ ୪୮ ହଜାର ଟଙ୍କା ଗୁଗଲ ପେ' ଦ୍ୱାରା ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ସ୍ଥାନ ଛାଡ଼ିବା ପୂର୍ବରୁ ପେଟ୍ରୋଲ ଟାଙ୍କି ମ୍ୟାନେଜର ଡିଜେଲ ମୂଲ୍ୟ ପ୍ରଦାନ କରିବାକୁ କହିଥିଲେ। ପୂର୍ବରୁ ହୋଇଥିବା କଥାବାର୍ତ୍ତା ଆଦି ସମ୍ପର୍କରେ ପୂର୍ଣ୍ଣଚନ୍ଦ୍ର ମ୍ୟାନେଜରଙ୍କୁ କହିଥିଲେ। ତେବେ ସେ ସେମିତି କୌଣସି ବ୍ୟକ୍ତିଙ୍କୁ ଜାଣିନାହାନ୍ତି କିମ୍ବା ତାଙ୍କ ସହ ଡିଜେଲ ମୂଲ୍ୟ ବେଶନେଶ ହୋଇନାହିଁ ବୋଲି ମ୍ୟାନେଜର ଜଣାଇଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ର ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ପୁଣି ଚେଷ୍ଟା କରିଥିଲେ। କିନ୍ତୁ ଉକ୍ତ ମୋବାଇଲ ନମ୍ବର ସୁଇଚ୍ ଅଫ୍ ଥିଲା। ଫଳରେ ପୂର୍ଣ୍ଣଚନ୍ଦ୍ର ଠକାମିର ଶିକାର ହୋଇଛନ୍ତି ବୋଲି ଜାଣିଥିଲେ। ପରେ ସେ ଡିଜେଲ ମୂଲ୍ୟ ୫୨ହଜାର ୮ଶହ ଟଙ୍କା ମ୍ୟାନେଜରଙ୍କୁ ପ୍ରଦାନ କରିଥିଲେ। ଏ ନେଇ ପୂର୍ଣ୍ଣଚନ୍ଦ୍ର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୯୦/୨୪ରେ ଠକେଇ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ମିନିଟ୍ରକ୍ ଓଲଟି ୯ ଆହତ

ଭଞ୍ଜନଗର,୩।୩(ବାବୁଲା ପ୍ରଧାନ)

ଭଞ୍ଜନଗର ବାହାଡ଼ାପଦର ରାସ୍ତାରେ ରବିବାର ଏକ ମିନିଟ୍ରକ ଗାଡ଼ି ଓଲଟି ପଡ଼ିବାରୁ ୨ଜଣ ଶିଶୁଙ୍କ ସମେତ ୯ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଛି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବଡ଼ପଥରା ଗ୍ରାମର କିଛି ଲୋକ ଲଣ୍ଡେଇସାହିକୁ ଭୋଜି ଖାଇବାକୁ ଆସୁଥିଲେ। ବାଟରେ ବାହାଡ଼ାପଦର ନିକଟରେ ଚାଳକ କୌଣସି କାରଣରୁ ଭାରସାମ୍ୟ ହରାଇବାରୁ ରାସ୍ତା ଉପରେ ଗାଡ଼ିଟି ଓଲଟି ପଡ଼ିଥିଲା। ଆହତମାନେ ହେଲେ ରଘୁନାଥ ବିଷୋୟୀ, ରାମନାଥ ବିଷୋୟୀ, ସୁରେନ୍ଦ୍ର ବିଷୋୟୀ, ରାଜା ସ୍ୱାଇଁ, ହରିହର ସ୍ୱାଇଁ, ତପନ କୁମାର ଗୌଡ଼, ରାଜ କୁମାର ବିଷୋୟୀ, ସୋମ ସ୍ୱାଇଁ (୧୧), ରୁଦ୍ର ବିଷୋୟୀ (୭)।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବୁଗୁଡ଼ା,୩।୩(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଡାକରାବାଡ଼ି ଗାଁ ରାସ୍ତାରେ ରବିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆରୋହୀ ଆହତ ହୋଇଛନ୍ତି। ମୃତକ ହେଲେ ବୁଗୁଡ଼ା ଏନ୍‌ଏସି ଗୋଲାମୁଣ୍ଡଲା ଗ୍ରାମର ଭୀମସେନ ସ୍ୱାଇଁ ଏବଂ ଆହତ ଜଣକ ଡାକରାବାଡ଼ି ଗ୍ରାମର ଫକୀର ବିଷୋୟୀ। ଭୀମସେନ ଓ ତାଙ୍କର ସଢୁ ଫକୀର ଗୋଟିଏ ବାଇକ୍‌ରେ ଡାକରାବାଡ଼ି ଗାଁରୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟି ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଆହତ ହୋଇଥିବାରୁ ବୁଗୁଡ଼ା ମେଡିକାଲ ଅଣାଯାଇଥିଲା। ସେଠାରେ ଭୀମସେନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଜାତୀୟ ପରିବାର ସହାୟତା ଯୋଜନା ଫେଲ୍

## ଅପେକ୍ଷାରେ ଗଞ୍ଜାମର ୧୪୦୮ ପରିବାର

ଛତ୍ରପୁର,୩।୩(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଜାତୀୟ ପରିବାର ସହାୟତା ଯୋଜନା ଏକପ୍ରକାର ଫେଲ ହୋଇଥିବା ଜଣାପଡିଛି । କୌଣସି ଗରିବ ଓ ଅସହାୟ ପରିବାରର ମୁଖ୍ୟଙ୍କ ମୃତ୍ୟୁ ପରେ ତାଙ୍କ ଅସହାୟ ପରିବାରଙ୍କୁ ଜାତୀୟ ପରିବାର ସହାୟତା ଯୋଜନାରେ ସାମିଲ କରି ସହାୟତା ଅର୍ଥ ପ୍ରଦାନ କରାଯାଇଥାଏ। ମାତ୍ର ଗଞ୍ଜାମ ଜିଲାରେ ବିଭିନ୍ନସ୍ତରରେ ଆବେଦନ ପତ୍ର ପେଣ୍ଡିଂ ରହିଛି। ଫଳରେ ଉକ୍ତ ଅସହାୟ ଓ ଗରିବ ପରିବାରଙ୍କୁ ଏହି ଯୋଜାନାରେ ସାମିଲ କରି ସହାୟତା ମିଳିବାରେ ଅହେତୁକ ବିଳମ୍ବ ହେଉଛି। ଏପରିକି ଦୁଇ ବର୍ଷ ହେଲା ଏହି ଆବେଦନପତ୍ର ପେଣ୍ଡିଂ ରହିଥିବା ଜଣାପଡିଛି। ଏନେଇ ରାଜ୍ୟ ସାମାଜିକ ସୁରକ୍ଷା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବିଷ୍ଣୁପଦ ସେଠୀଙ୍କ ଠାରୁ ଗଞ୍ଜାମ ଜିଲାପାଳଙ୍କୁ ଏକ ଚିଠି ଆସିଛି। ଏହାର ସମୀକ୍ଷା କରି କିଭଳି ଜାତୀୟ ପରିବାର ସହାୟତା ଯୋଜନାରେ ପେଣ୍ଡିଂ ଥିବା ପରିବାରଙ୍କୁ ସାମିଲ କରି ସହାୟତା ବଣ୍ଟନ ପାଇଁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନାରେ ଗରିବ ପରିବାରର ମୁଖ୍ୟଙ୍କ ମୃତ୍ୟୁ ପରେ ତାଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯାଇଥାଏ। ଓଆରଟିପିଏସ ଆକ୍ଟ ୨୦୧୨ ଅନୁସାରେ ଗରିବ ପରିବାରର ମୁଖ୍ୟଙ୍କ ମୃତ୍ୟୁର ୩୦ ଦିନ ପରେ ଏହି ସହାୟତା ରାଶି ତାଙ୍କ ପରିବାରଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ରହିଛି। ମାତ୍ର ଗଞ୍ଜାମ ଜିଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଜିଲାରେ ୧୪୦୮ ପରିବାର ଏହି ଯୋଜନାରେ ସାମିଲ ପାଇଁ ଅପେକ୍ଷାରେ ଥିବା ଉକ୍ତ ପତ୍ରରୁ ଜଣାଯାଇଛି। ରାଜ୍ୟରେ ଏହା ସର୍ବାଧିକ ବୋଲି ଉକ୍ତ ଚିଠିରୁ ଜଣାପଡିଛି । ରାଜ୍ୟ ସରକାର ୨୦୨୩ରେ ଗଞ୍ଜାମ ପାଇଁ ଏହି ଯୋଜନାରେ ସାମିଲ ପାଇଁ ମେ' ମାସରେ ୫୪୪, ଅକ୍ଟୋବରରେ ୨୪୦ ଓ ଚଳିତ ବର୍ଷ ଫେବୃୟାରୀରେ ୪୧୫ ଏପରି ୧୧୯୯ଟି ମଂଜୁର କରିଥିଲେ। ଏପରିକି ଗତ ୨୦୨୨-୨୩ ର ମଧ୍ୟ ଜିଲାରେ ଆବେଦନପତ୍ର ପେଣ୍ଡିଂ ରହିଛି। ମିଳିଥିବା ସୂଚନା ଅନୁସାରେ ଜିଲାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କ ନିକଟରେ ୧୦୭୮ ଟି ଆବେଦନ ପତ୍ର ପେଣ୍ଡିଂ ରହିଥିବାବେଳେ ଏମଇଓ ମାନଙ୍କ ନିକଟରେ ୪୩ଟି, ବିଡିଓ ମାନଙ୍କ ନିକଟରେ ୨୦୪ଟି ତହସିଲଦାରମାନଙ୍କ ନିକଟରେ ୪୭ଟି, ମ୍ୟୁନିସପାଲ କର୍ପୋରେସନ ନିକଟରେ ୩୫ଟି ଏବଂ ଉପଜିଲାପାଳଙ୍କ ନିକଟରେ ଗୋଟିଏ ଆବେଦନପତ୍ର ପେଣ୍ଡିଂ ରହିଛି।

# କଇଁଛଙ୍କ ସୁରକ୍ଷା ପାଇଁ ବେଳାଭୂମି ସଫେଇ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ଗଞ୍ଜାମ,୩।୩(ବିଦ୍ୟାଧର ସାହୁ)

ଆଉ ମାତ୍ର କିଛିଦିନ ପରେ ବିରଳ ସାମୁଦ୍ରିକ କଇଁଛ ଗଣଅଣ୍ଡାଦାନ କରିବେ। ଏଥିପାଇଁ ଅଲିଭ ରିଡ଼ଲେ କଇଁଛଙ୍କ ସୁରକ୍ଷା ନିମନ୍ତେ ପ୍ରସିଦ୍ଧ ଥିବା ଗଞ୍ଜାମ ଜିଲା ବଟେଶ୍ୱର ବେଳାଭୂମିଠାରେ ସ୍ନେକ୍ ହେଲ୍ପ ଲାଇନ, ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଓ ଇକୋ ଓ୍ୱାରିୟର ଗଞ୍ଜାମର ମିଳିତ ସହଯୋଗରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ପରିବେଶବିତ୍‌ମାନେ ସାମୂହିକ ଭାବେ ଅଲିଭ ରିଡ଼ଲେଙ୍କ ଗଣଅଣ୍ଡାଦାନ ସ୍ଥାନକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ଏସିଏଫ୍ ପ୍ରଭାକର ନାୟକ, ଖଲିକୋଟ ରେଞ୍ଜର ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଲିଭ ରିଡ଼ଲେଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ପ୍ରତିବର୍ଷ ମାର୍ଚ୍ଚ ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନ ବିଶ୍ୱର ସମସ୍ତ ବନ୍ୟପ୍ରାଣୀ ଓ ଉଦ୍ଭିଦ ଜଗତ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥାଏ। ୨୦୧୩ ଡିସେମ୍ବର ୨୦ରେ ମିଳିତ ଜାତିସଂଘର ସାଧାରଣ ସଭା (ୟୁଏନ୍‌ଜିଏ)ର ନିଷ୍ପତ୍ତି ଅନୁସାରେ ମାର୍ଚ୍ଚ ୩କୁ ବନ୍ୟପ୍ରାଣୀ ଦିବସର ମାନ୍ୟତା ମିଳିଛି। ସେବେଠାରୁ ଆଜିଯାଏ ମାର୍ଚ୍ଚ ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ସାମୂହିକ ସଫେଇ କାର୍ଯ୍ୟକ୍ରମରେ ସ୍ନେକ୍ ହେଲ୍ପ ଲାଇନର ଦକ୍ଷିଣ ଓଡ଼ିଶା ସଂଯୋଜକ ସ୍ୱାଧୀନ କୁମାର ସାହୁ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ. ପ୍ରକାଶ ଓ ଇକୋ ଓ୍ୱାରିୟର ଗଞ୍ଜାମର ମୁଖ୍ୟ ଦୁର୍ଯ୍ୟୋଧନ ରେଡ୍ଡୀ, ଅଖିଳ ତରାଇ, ଗୁରୁନାଥ ରେଡ୍ଡୀ, ସଙ୍ଗଠନର କର୍ମକର୍ତ୍ତା ଏବଂ ବନ କର୍ମଚାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଞ୍ଜେଇ ଚାଲାଣ ପ୍ରସ୍ତୁତି ବେଳେ ମାଡ଼ି ବସିଲା ପୋଲିସ

ବାଲିଗୁଡ଼ା,୩।୩(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଥାନା ପକ୍ଷରୁ ଗଞ୍ଜେଇ କଟା ଅଭିଯାନ ଜାରି ରହିଥିବା ବେଳେ ଗଞ୍ଜେଇ ମାଫିଆମାନେ ବେଧଡକ ଭାବରେ ଗଞ୍ଜେଇ ଚାଲାଣ କରିଚାଲିଛନ୍ତି। ତେବେ ବାଲିଗୁଡା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୧୯୩ କିଲୋ ଗଞ୍ଜେଇ ଧରିବାରେ ସଫଳ ହୋଇଛି। କିନ୍ତୁ ଘଟଣା ସ୍ଥଳରୁ ଗଞ୍ଜେଇ ଛାଡି ମାଫିଆମାନେ ଫେରାର ହୋଇଯାଇଛନ୍ତି। ବାଲିଗୁଡା ଥାନାଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ସଞ୍ଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ବାଲିଗୁଡା ଥାନା ଅଧିନସ୍ତ ନିଳିପଡ଼ା ଜଙ୍ଗଲରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ମାଫିଆମାନେ ଗଞ୍ଜେଇକୁ ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ବାଲିଗୁଡା ଥାନାରେ କେଶ ନଂ.୫୧/୨୦୨୪ରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି।

# ଭାଜପାରେ ମିଶିଲେ ବିପିନ ପ୍ରଧାନ, ଯମୁନା ନାୟକ

ଦିଗପହଣ୍ଡି,୩।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱର ସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇଛନ୍ତି। ବିପିନଙ୍କ ସମେତ ଦିଗପହଣ୍ଡି ବ୍ଲକ ଅଧକ୍ଷା ଯମୁନା ନାୟକ, ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ପୂର୍ବତନ ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, ପୂର୍ବତନ ନଗର ବିଜେଡି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ ଭାଜପାରେ ଯୋଗଦାନ କରିଛନ୍ତି। ଏପରିକି ଦିଗପହଣ୍ଡି ବ୍ଲକର ବହୁ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ, ବର୍ତ୍ତମାନର ସରପଞ୍ଚ ଓ ୧୪ ସମିତିସଭ୍ୟଙ୍କ ସହ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଦଳ ତ୍ୟାଗକରି ବିପିନଙ୍କ ସମର୍ଥନରେ ଭାଜପାରେ ଆନୁଷ୍ଠାନିକ ଭାବେ ଯୋଗଦେବା ପରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିପିନ ବିଜୁ ଜନତା ଦଳର ଜଣେ ଦୃଢ଼ ସଂଗଠକ ଭାବରେ ଦିଗପହଣ୍ଡି ରାଜନୀତିରେ ୩୦ ବର୍ଷ ଧରି ପରିଚିତ ଥିଲେ। ଏପରିକି ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଡ଼. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀର୍ଘ ବର୍ଷ ଧରି ବ୍ଲକ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପଦବୀରେ ରହି ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ବିପିନ ଓ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁତ୍ର ବିପ୍ଳବ ପାତ୍ରଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଗତ ବ୍ଲକ ଅଧକ୍ଷା ନିର୍ବାଚନ ବାତିଲ ପରେ ବିପିନଙ୍କୁ ଦଳ ବିରୋଧୀ କାର୍ଯ୍ୟ ଦର୍ଶାଇ ବିଜେଡିରୁ ବହିଷ୍କୃତ କରାଯାଇଥିଲା।

# ଶିଶୁ ମନ୍ଦିର ବାର୍ଷିକ ଉତ୍ସବ


କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଧରାକୋଟ,୩।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟ ବରଡାବିଲିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ଏଥିରେ ଅତିଥି ଭାବେ ଏବିଇଓ ଉମା ଚରଣ ପାଣିଗ୍ରାହୀ,ବିଦ୍ୟାଳୟ ସଭାପତି ସୁଧାଂଶୁ ଶେଖର ପାତ୍ର, ସମ୍ପାଦକ ନବଘନ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଂସ୍କାରୀ, ଚରିତ୍ରବାନ, କର୍ତ୍ତବ୍ୟ ପରାୟଣ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ପ୍ରଣତି ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଢୋଲପିଟାରେ ୧୦ କୋଟି ବ୍ୟୟରେ ହାଇଲେଭଲ ସେତୁ ହେବ

ଭଞ୍ଜନଗର,୩।୩(ବାବୁଲା ପ୍ରଧାନ)

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ



ମନ୍ତ୍ରୀ ପଞ୍ଚାୟତ ବିକାଶ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି ।

ଭଞ୍ଜନଗର ବ୍ଲକର ୨୨ଟି ପଞ୍ଚାୟତରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ରବିବାର ତୁରୁମୁରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପଞ୍ଚାୟତ ବିକାଶ ଉପରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆୟୋଜିତ ଉତ୍ସବରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ରାଜ୍ୟରେ ବିକାଶର ଧାରା ଚାଲିଛି। ଏହିଭଳି ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ମଧ୍ୟ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଭଞ୍ଜନଗର ଗାଳେରୀ, ଭଞ୍ଜନଗର ଦଶପଲ୍ଲା ରାସ୍ତା ପ୍ରଶସ୍ତିକରଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ସେଥିମଧ୍ୟରେ ଭଞ୍ଜନଗର ଗାଳେରୀ ରାସ୍ତା କାମ ସରିଯାଇଛି। ଉକ୍ତ ରାସ୍ତାର ଢୋଲପିଟାଠାରେ ଥିବା ସେତୁଟି ଫାଇଲିନ୍ ବାତ୍ୟାରେ ଦବି ଯାଇଥିଲା। ତେଣୁ ସେଠାରେ ଏକ ହାଇଲେଭଲ ସେତୁର ଆବଶ୍ୟକତା ଥିଲା। ତେଣୁ ସେଠାରେ ଏକ ସେତୁ ନିର୍ମାଣ ହେବ। ଏନେଇ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ହେବ। ଟେଣ୍ଡର ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ଏହି ଅବସରରେ ମନ୍ତ୍ରୀ ରାସନ କାର୍ଡ଼ ହିତାଧିକାରୀଙ୍କୁ ୨ଟି ବ୍ୟାଗ୍ ଓ ଏକ ହଜାର ଟଙ୍କା ଲେଖାଁଏ ସହାୟତା ପ୍ରଦାନ କରିଥିଲେ। ଏହାପରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରଦର୍ଶନୀ ମେଳା ପରିଦର୍ଶନ କରିବା ସହ ବିଭିନ୍ନ ଜିନିଷ କିଣିଥିଲେ। ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଜିଲା ବିଜେଡି ଉପସଭାପତି ରାଜ କୁମାର ସାହୁ, ପୂର୍ବତନ ସରପଞ୍ଚ ଟୁଟୁ ପ୍ରଧାନ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଜିଲା ପରିଷଦ ସଭ୍ୟା ଭାଗ୍ୟଲତା ସେଠୀ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶୂଳପାଣି ଶତପଥି ସଭା ସଂଯୋଜନା କରିଥିଲେ ।

# ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ୪ର୍ଥ ଆଲୁମ୍‌ନି ମିଟ୍


ଉପସ୍ଥିତ ଅଧ୍ୟାପକ ଓ ଛାତ୍ରୀଛାତ୍ର।

ବୁଗୁଡ଼ା,୩।୩(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ୪ର୍ଥ ଆଲୁମିନି ମିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଞ୍ଜ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରଜନୀ କାନ୍ତ ଦାଶ, ଅଧ୍ୟାପକ ହିମାଂଶୁ ଶେଖର ରଥ ଓ ଅକ୍ଷୟ କୁମାର ସାହୁ, ଗବେଷକ ସୀମାଞ୍ଚଳ ଦୋରା, କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ସେମିନାର ସେକ୍ରେଟାରୀ ତଥା ଅଲରାଉଣ୍ଡ ପରଫର୍ମାନ୍ସ ଆୱାର୍ଡ ୱିନର ଛାତ୍ରୀ ତନୁଶ୍ରୀ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଉପସ୍ଥିତ ପ୍ରାକ୍ତନ ଛାତ୍ରୀଛାତ୍ର ନିଜ ନିଜର ସ୍ମୃତି ଓ ଅନୁଭୂତିକୁ ବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ରୀ ଶିବାନୀ ସେଠୀଙ୍କୁ ଗଣେଶ୍ୱର ମେମୋରିଆଲ୍ ପ୍ରାଇଜ୍, ଛାତ୍ରୀ ବର୍ଷା ବିଶ୍ୱାଳ ଓ ରକିତା ସାହୁଙ୍କୁ ପୁଷ୍ପଲତା ମେମୋରିଆଲ ପ୍ରାଇଜ୍, ଛାତ୍ରୀ ମମତା ସ୍ୱାଇଁ ଓ ସ୍ମିତାରାଣୀ ନାୟକଙ୍କୁ ସେମିନାର ଚାମ୍ପିୟନ୍ ପ୍ରାଇଜ୍, ଛାତ୍ର ଆଶୁତୋଷ ପ୍ରଧାନ ଓ ଛାତ୍ରୀ ଶୁଭସ୍ମିତା ନାୟକଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରତୀକ୍ଷା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଛାତ୍ରୀ ସ୍ମୃତି ସଞ୍ଚରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ପ୍ରଧାନ, ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ଓ ସହାୟକ ଯତନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଆସିକା,୩।୩ (ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକ ଖାରିଆ ପଞ୍ଚାୟତ ଅନ୍ତର୍ଗତ ତୁଳୁଙ୍ଗି ଓ ହରିଡାପଦର ପଞ୍ଚାୟତର ମଣ୍ଡାପଡା ଗ୍ରାମରେ ରବିବାର ବିଧାୟିକା ମଞ୍ଜୁଳା ସ୍ୱାଇଁ ବିଭିନ୍ନ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ତୁଳୁଙ୍ଗି ଗ୍ରାମରେ ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନିର୍ମିତ କୋଠଘର ଉଦଘାଟିତ ହୋଇଥିବା ବେଳେ ୩୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ସେହିପରି ମଣ୍ଡାପଡାରେ ବିଧାୟିକାଙ୍କ ହାତପାଣ୍ଠିରୁ ୧୬ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ଚୈତନ୍ୟ ଠାକୁର କମ୍ୟୁନିଟି ହଲକୁ ବିଧାୟିକା ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ଦିଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ମନୋଜ ଦୋରା, ଅଭିମନ୍ୟୁ ନାହାକଙ୍କ ସମେତ ବହୁ ପଞ୍ଚାୟତ ଜନ ପ୍ରତିନିଧି ସାମିଲ ଥିଲେ ।

### ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୩।୩(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଗୌତମନଗର ୧୮ନଂ ଗଳିରେ ରହୁଥିବା ଶାନ୍ତି ନାୟକଙ୍କ ଘରୁ ଚୋରି ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୧ ତାରିଖ ରାତିରେ ଶାନ୍ତି ବାପଘରକୁ ଯାଇଥିଲେ। ସେହି ରାତିରେ କେହି ଦୁର୍ବୃତ୍ତ ତାଲାକାଟି ଘରେ ପଶି କଳାକନା ବୁଲାଇଛନ୍ତି। ପିତଳ ବାସନକୁସନ, ସମସ୍ତ ପାଇପ ଟ୍ୟାପ, ଆଲମାରୀରୁ ବହୁ ଜରୁରୀ କାଗଜପତ୍ର, ସାହାରା ଇଣ୍ଡିଆର ୧୧ଟି ବଣ୍ଡ ଚୋରି ଏତଲାରେ ଦର୍ଶାଯାଇଛି। ନଂ.୬୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ନ୍ୟାୟ ପାଇଁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

## ଉତ୍ତରପ୍ରଦେଶର ୧୦ମ ଶ୍ରେଣୀ ଛାତ୍ର ପୋଲିସ ଗୁଳିରେ ନିହତ


ସ୍ମାରକପତ୍ର ଦେଇ ଫେରୁଛନ୍ତି।

ଛତ୍ରପୁର, ୩।୩ (ସନ୍ତୋଷ ପାଢ଼ୀ)

ଉତ୍ତର ପ୍ରଦେଶର ଜଣେ ଦଳିତବର୍ଗର ନାବାଳକ ତଥା ୧୦ମ ଶ୍ରେଣୀ ଛାତ୍ର ସୁମେଶଙ୍କୁ ପୋଲିସ ଗୁଳିକରି ହତ୍ୟା କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଏହି ରାଜ୍ୟରେ ପୋଲିସର ଅରାଜକତା ଶାସନ ଚାଲିଛି ଓ ପୋଲିସ ଜୁଲମ ବଢ଼ିଚାଲିଛି। ବାସ୍ତବିକ ପୋଲିସର ଅମାନୁଷିକତା, ବର୍ବରତା ସ୍ପଷ୍ଟ କରୁଛି । ଏହାର ପ୍ରତିବାଦରେ ଗଞ୍ଜାମ ଜିଲା କଂଗ୍ରେସ ପାର୍ଟି ଅନୁସୂଚୀତ ଜାତି ସେଲ ଅଧ୍ୟକ୍ଷ ଭାଗିରଥୀ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଘଟଣାର କେନ୍ଦ୍ରୀୟ କ୍ରାଇମ ବ୍ରାଞ୍ଚ ଓ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କଂଗ୍ରେସ ତରଫରୁ ଦାବି ହୋଇଛି।

# ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଆଲୋଚନାଚକ୍ର

ଦିଗପହଣ୍ଡି,୩।୩(ଅଶେଷ ନାଥ ମିଶ୍ର)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓକିଲ ସଂଘ ସଭାପତି ଲକ୍ଷ୍ମୀନାରାୟଣ ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଉମା ସାବତ ଯୋଗଦେଇଥିଲେ। ଆସିକା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡା ମୁଖ୍ୟବକ୍ତା ଏବଂ ଅନ୍ୟତମ ଅତିଥିଭାବେ ନୋଟାରି ହୃଦୟ ରଞ୍ଜନ ମେକାପ ଯୋଗଦେଇଥିଲେ। ଲ' ଅଫ୍ ଇଞ୍ଜକ୍ସନ ଏବଂ ଇଣ୍ଟରଲୋକ୍ଟରି ଅର୍ଡର ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ତଥା ନୋଟାରି ରଞ୍ଜନ କୁମାର ବେହେରା, ମନୋଜ କୁମାର ପଣ୍ଡା, ସୂର୍ଯ୍ୟାଂଶୁ ଶେଖର ରଥ, ଅଶେଷ ନାଥ ମିଶ୍ର, କିଶୋର ଗୌଡ଼, ପି. ଶିବ ଶଙ୍କର, ବିଜୟ କୁମାର ପ୍ରଧାନ, ମନୋରଞ୍ଜନ ପଣ୍ଡା, ପ୍ରଦୀପ କୁମାର ମହାପାତ୍ର, ପ୍ରଦୀପ କୁମାର ନାୟକ, ସୀମାଞ୍ଚଳ ପ୍ରଧାନ, ଗିରିଜା ନନ୍ଦନ ମେକାପ, ପ୍ରଶାନ୍ତ ବରାଡ଼ ପ୍ରମୁଖ ଆଇନଜୀବୀ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

